## ସଂକ୍ଷେପରେ

### କୁହୁଡ଼ି ଯୋଗୁ ଦୁର୍ଘଟଣା ଗାତରେ ପଡ଼ି ବାଇକ୍ ଚାଳକ ମୃତ

ଭଞ୍ଜନଗର,୨୭ା୧୨(ଡି.ଏନ.ଏ)- ଭଞ୍ଜନଗର-ଫୁଲବାଣୀ ଜାତୀୟ ରାଜପଥର ଖାରିଗୁଡ଼ା ନିକଟରେ ନିର୍ମାଣଧୀନ ଟୋଲ ଗେଟ୍ ଗାତରେ ପଡ଼ି ସୋମବାର ସକାଳେ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଜି.ଉଦୟଗିରି ଥାନା ବାଦଗଡ଼ର ମହିନାଥ ପ୍ରଧାନ। ଭଞ୍ଜନଗର ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ସ୍ଥାନୀୟ ହସ୍ପିଟାଲକୁ ପଠାଇଛି । ମହିନାଥ ସକାଳେ ବାଇକ୍ ଯୋଗେ ଭଞ୍ଜନଗର ଅଭିମୁଖେ ଆସୁଥିଲେ। ପ୍ରବଳ କୁହୁଡ଼ି ଯୋଗୁ ସେ ରାସ୍ତା ଜାଣି ନ ପାରି ଟୋଲଗେଟ୍ ପାଇଁ ଖୋଳା ଯାଇଥିବା ଗାତରେ ବାଇକ୍ ସହ ପଡ଼ିଯାଇଥିଲେ। ନିର୍ମାଣ କାର୍ଯ୍ୟସ୍ଥଳରେ କୌଣସି ସଙ୍କେତ ଲଗାଯାଇ ନ ଥିବାରୁ ଏହି ଦୁର୍ଘଟଣା ଘଟିଥିଲା। ମହିନାଥଙ୍କୁ ଗୁରୁତର ଅବସ୍ଥାରେ ଭଞ୍ଜନଗର ହସ୍ପିଟାଲକୁ ଅଣାଯାଇଥିଲେ ମଧ ଡାକ୍ତର ମୃତ ଘୋଷଣା କରିଥିଲେ।

### ବ୍ରାହ୍ମଣ ପୁରୋହିତ ସମିତି ବୈଠକ

ବ୍ରହ୍ମପୁର ଅଫିସ,୨୭ା୧୨- ଗଞ୍ଜାମ ଜିଲା ବ୍ରାହ୍ମଣ ପୁରୋହିତ ସମିତିର ବୈଠକ ବ୍ରହ୍ମପୁରରେ ଅନୁଷ୍ଠିତ ହୋଇଯାଇଛି। ସମିତିର ୨୪ତମ ବାର୍ଷିକ ସମ୍ମିଳନୀ ଜାନୁୟାରୀ ୯ରେ ମହାନଗର ଉପକଣ୍ଠ ବାଲ୍ୟ ଠାକୁରାଣୀ ପୀଠ ନିକଟରେ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ବୈଠକରେ କର୍ମକର୍ତ୍ତା ନାରାୟଣ ରଥଶର୍ମା, ଉମାବଲ୍ଲଭ ଦାସ ଓ ସନ୍ତୋଷ କୁମାର ତ୍ରିପାଠୀ ପ୍ରମୁଖ ଯୋଗଦେଇ ବିଭିନ୍ନ ଆଲୋଚନାରେ ଭାଗ ନେଇଥିଲେ। ବ୍ରାହ୍ମଣ ପୁରୋହିତମାନଙ୍କ ସମସ୍ୟା ଏବଂ ସମିତିର କାର୍ଯ୍ୟ ନେଇ ବାର୍ଷିକ ସମ୍ମିଳନୀରେ ଆଲୋଚନା ହେବାର କୁହାଯାଇଛି।

### ଭାରତୀୟ କମ୍ୟୁନିଷ୍ଟର ୫୧ତମ ଜନ୍ମ ବାର୍ଷିକୋତ୍ସବ

ରମ୍ଭା,୨୭ା୧୨- ସ୍ଥାନୀୟ ବୃନ୍ଦାବନ ନଗର ପରିସରରେ ରମ୍ଭା ସିପିଆଇ ଶାଖାର ୫୧ତମ ବାର୍ଷିକ ଉତ୍ସବ ପୂର୍ଣ୍ଣଚନ୍ଦ୍ର ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ଆରମ୍ଭ ପୂର୍ବରୁ ସାଥୀ ନାରାୟଣ ନାୟକ ଲାଲ ପତାକା ଉତ୍ତୋଳନ କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ନିମନ୍ତ୍ରଣ ପତ୍ର ସୂଚିତ ପ୍ରକାରେ ଗଞ୍ଜାମ ଜିଲା ସମ୍ପାଦକ ପ୍ରକାଶ ପାତ୍ର, ଛତ୍ରପୁର ପୂର୍ବତନ ବିଧାୟକ ଏନ୍. ନାରାୟଣ ରେଡ୍ଡୀ, ଯୁବକ ସଂଘ ନେତା ସାଥୀ ପ୍ରଦୀପ ସେଠୀ, ଛାତ୍ର ନେତା କାମଦେବ ନାହାକ, ମହିଳା ନେତ୍ରୀ ଏନ୍. ଭାନୁମତୀ ରେଡ୍ଡୀ ପ୍ରମୁଖ ମଞ୍ଚାସୀନ ଥିଲେ। ଏଥିସହ ୨୦୨୨ ପୌର ନିର୍ବାଚନରେ ପ୍ରାର୍ଥୀ ଦିଆଯିବା ପାଇଁ ନିଷ୍ପତ୍ତି ହୋଇଥିବା ବେଳେ ଭାଜପାର କୃଷି ଆଇନକୁ ବିରୋଧ, ସଂଗଠନକୁ ମଜଭୁତ କରିବା, ଆଗାମୀ ନିର୍ବାଚନ ମୈଦାନରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରାଯାଇଥିଲା।

### ରାସ୍ତା ମଝିରେ ଭଙ୍ଗା ଡିଭାଇଡର

କାଶୀନଗର,୨୭ା୧୨-କାଶୀନଗର ଏନ୍ଏସିର ମୁଖ୍ୟରାସ୍ତା ପଟେଲ ରୋଡରେ ଡିଭାଇଡ଼ର ଥିଲା। ଗତ କିଛିଦିନ ତଳେ ଉକ୍ତ ଡିଭାଇଡର ଭଙ୍ଗାଗଲା। କିନ୍ତୁ ଅଧାପନ୍ତରିଆ ଭଙ୍ଗା ଯୋଗୁ ଲୁହାରଡ଼ ଗୁଡ଼ିକ ଉପରକୁ ବାହାରି ଯାତାୟାତରେ ଲୋକେ ହଇରାଣ ହେଉଛନ୍ତି। ସେହି ରାସ୍ତା ଦେଇ ଯାଉଥିବାଯାନାବାହାନ ପଞ୍ଚର ହୋଇଯାଉଛି। ରାସ୍ତାରେ ଡିଭାଇଡ଼ରକୁ ସଫା କରି ରାସ୍ତା ସଫା ପାଇଁ ନାଗରିକ ମଞ୍ଚ ସମ୍ପାଦକ କେ. ରାମା ରାଓ ନିର୍ବାହୀ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କଲେ ମଧ କାର୍ଯ୍ୟକାରୀ ହୋଇନାହିଁ। ରାସ୍ତା ଡିଭାଇଡ଼ରକୁ ସଜାଡ଼ିବାକୁ ରାମାରାଓ ଦାବି କରିଛନ୍ତି।

### ଖୋଲିଲା ନୂତନ ଆହାର କେନ୍ଦ୍ର

ଗଞ୍ଜାମ,୨୭ା୧୨(ଡି.ଏନ.ଏ.)-ଗଞ୍ଜାମ ସହର ସ୍ଥିତ ତ୍ରିବେଣୀ ମଠ ଛକଠାରେ ଥିବା ନୂତନ ଆହାର କେନ୍ଦ୍ର ସୋମବାର ଆରମ୍ଭ ହୋଇଛି। ପୂର୍ବରୁ ଭାରତୀ ବିଦ୍ୟାପୀଠ ମିନି ଷ୍ଟାଡିୟମ ପଡିଆକୁ ଯାଇ ଲୋକମାନେ ୫ ଟଙ୍କା ଦେଇ ଆହାର ଖାଉଥିଲେ। ଯାହା ଫଳରେ ସ୍ଥାନୀୟ ଅଞ୍ଚଳ ପିଲାଙ୍କ ଖେଳ କୁଦରେ ବାଧା ସୃଷ୍ଟି ହେଉଥିଲା। ବର୍ତ୍ତମାନ ଆଉ କିଛି ଅସୁବିଧା ହେବ ନାହିଁ ବୋଲି ଯୁବ କ୍ରୀଡାବିତ ଅଜୟ କୁମାର ସାହୁ କହିଛନ୍ତି।

### କଲେଜ ରୋଡ୍‌ରୁ ମଦ ଜବତ

ଗଞ୍ଜାମ,୨୭ା୧୨(ଡି.ଏନ.ଏ.)- ଗଞ୍ଜାମ ଥାନା ଅନ୍ତର୍ଗତ ଦାମୋଦରପୁର କଲେଜ ରୋଡ କାଳୀ ମନ୍ଦିର ନିକଟରୁ ୭୩ ଆଇଡି ଲିକର ମଦ ଜବତ ହୋଇଛି। ଗଞ୍ଜାମ ଏଏସ୍ଆଇ ସୁପ୍ରଭା ସାହୁ ଚଢ଼ାଉ କରି ମଦ ଜବତ କରିବା ସହ ନାରାୟଣ ବେହେରାଙ୍କ ବିରୋଧରେ ୨୨୬/୨୧ ରେ ମାମଲା ରୁଜୁ ହୋଇଥିବା କହିଛନ୍ତି।

# ୩ରେ ମିଳିତ କ୍ରିୟାନୁଷ୍ଠାନ କମିଟିର ବିକ୍ଷୋଭ, ପ୍ରତିବାଦ ସଭା

ବ୍ରହ୍ମପୁର ଅଫିସ,୨୭ା୧୨



ବୈଠକରେ କମିଟିର ସଦସ୍ୟବୃନ୍ଦ ।

ସହରତଳି ଅଞ୍ଚଳ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ସୋମବାର ଗୋବିନ୍ଦ ବିହାରଠାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ କମିଟି ସଭାପତି ସଞ୍ଜୀବ କୁମାର ପଟ୍ଟନାୟକ ସଭାପତିତ୍ୱ କରିଥିଲେ। ହାଇକୋର୍ଟରେ କ୍ରିୟାନୁଷ୍ଠାନ କମିଟି ଦ୍ୱାରା ସହର ତଥା ମହାନଗର ସନ୍ନିକଟ ତଳି ଅଞ୍ଚଳର ୧୮ ପଞ୍ଚାୟତକୁ ମହାନଗର ନିଗମରେ ମିଶ୍ରଣ କରିବା ନେଇ ଆଇନଗତ ପଦକ୍ଷେପ ସ୍ୱରୂପ ରିଟ୍ ପିଟିଶନ ଦାଖଲ କରାଯାଇଥିବା ନେଇ ସୂଚନା ଦିଆଯାଇଥିଲା। ଏଥିସହ କୋର୍ଟରେ କେସ୍ ଦାଖଲ ହୋଇଥିବାରୁ କମିଟି ତା'ର ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମ ପନ୍ଥାରେ ସାମାନ୍ୟ ପରିବର୍ତ୍ତନ ଆଣିଛି। ଜାନୁୟାରୀ ୩ ତାରିଖ ଦିନ ବ୍ରହ୍ମପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ସହ ପ୍ରତିବାଦ ସଭା ଆୟୋଜନ କରିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକାରୀ ସଭାପତି ନାରାୟଣ ଚନ୍ଦ୍ର ପାଇଛା, ଉପସଭାପତି ହରିହର ନାୟକ, ସାଧାରଣ ସମ୍ପାଦକ ଶିବ ପ୍ରସାଦ ମିଶ୍ର, କାର୍ଯ୍ୟାଳୟ ସମ୍ପାଦକ ସୁଶାନ୍ତ କୁମାର ସାହୁ, ଯୁଗ୍ମ ସମ୍ପାଦକ ଟି. ସୁଦେଶ କୁମାର ପାତ୍ର, ସହ ସମ୍ପାଦକ ବି.ଭି.ସାଗର, ସଂଯୋଜକ ସି.ଏଚ୍.ରାମକୃଷ୍ଣ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ବାସହୀନଙ୍କୁ ଆବାସ ପାଇଁ ସ୍ମାରକପତ୍ର

ଛତ୍ରପୁର,୨୭ା୧୨(ଡି.ଏନ୍.ଏ.)

ଚିକିଟି ଏନ୍ଏସିର ବାସହୀନ ପରିବାରଗୁଡ଼ିକୁ ଜାଗା ଯୋଗାଇଦେବା ସହ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ଦେବା ଲାଗି ଦାବି ହୋଇଛି। ଚିକିଟି ଏନଏସିର ୱାର୍ଡ ନଂ ୪,୬,୯,୧୦,୧୨ରେ ଦୀର୍ଘ ବର୍ଷ ଧରି କିଛି ଲୋକେ ଭଡା ଘରେ ରହି ଆସୁଛନ୍ତି । ପ୍ରଧାମନ୍ତ୍ରୀ ଆବାସ ଯୋଜନାରେ ଘର ପାଇବା ପାଇଁ ଏନଏସି ନିର୍ବାହୀ ଅଧିକାରୀ ଓ ତହସିଲଦାରଙ୍କୁ ବହୁବାର ଜଣାଇଥିଲେ ମଧ ସୁଫଳ ମିଳି ନ ଥିବା ସେମାନେ କହିଛନ୍ତି । ତେଣୁ ସୋମବାର ଛତ୍ରପୁର ଆସି ଆବାସ ଯୋଜନାରେ ଘର ଯୋଗାଇ ଦେବା ଲାଗି ଜିଲାପାଳଙ୍କୁ ଅନୁରୋଧ କରି ସ୍ମାରକପତ୍ର ଦେଇଛନ୍ତି ।

# ଓଡିଆ କ୍ଷତ୍ରୀୟ ସମାଜ ବୈଠକ

ଆସିକା,୨୭ା୧୨(ଡି.ଏନ୍.ଏ.)

ଓଡିଶା ଖଣ୍ଡାୟତ କ୍ଷତ୍ରୀୟ ସମାଜର ଗଞ୍ଜାମ ଜିଲାସ୍ତରୀୟ ପ୍ରତିନିଧି ବୈଠକ ସୋମବାର ଆସିକା ବାଣୀବିହାରସ୍ଥିତ ଡ. ବାୟାମନୁ ଚର୍ଚ୍ଚିଙ୍କ ବାସଭବନରେ ଅନୁଷ୍ଠିତ ହୋଇଥିଲା । ବରିଷ୍ଠ ସଦସ୍ୟ ଖଲି ପରିଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଆଡଭୋକେଟ ସୋମନାଥ ନାୟକ, ଡକ୍ଟର ବାୟାମନୁ ଚର୍ଚ୍ଚି, ଦେବହରି ମହାନ୍ତି, ନଗେନ୍ଦ୍ର ନାୟକ, ହରିକୃଷ୍ଣ ସାହୁ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରି ଜାତୀୟ ଐକ୍ୟ ଓ ସଂହତି ରକ୍ଷା କରିବା ଲାଗି ଆହ୍ୱାନ ଦେଇଥିଲେ। ଆସନ୍ତା ଫେବୃଆରୀ ମାସରେ ସମାଜର ଦିବଂଗତ ରାଜ୍ୟ ସଭାପତି ପ୍ୟାରିମୋହନ ସାମନ୍ତରାୟଙ୍କ ଜୟନ୍ତୀ ଉତ୍ସବରେ ଗଞ୍ଜାମ ଜିଲ୍ଲାରୁ ଅଧିକ ସଂଖ୍ୟାରେ ସମାଜର ପ୍ରତିନିଧି ଯୋଗାଇବା ଲାଗି ଆଲୋଚନା କରାଯାଇଥିଲା ।

# ବିଦ୍ୟୁତ୍ କର୍ମଚାରୀ ସଂଘ ପକ୍ଷରୁ ରାଲି

## ଓପିସିଓଡିଏଲ୍ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ

ବ୍ରହ୍ମପୁର ଅଫିସ,୨୭ା୧୨



ରାଲିରେ ଉପସ୍ଥିତ ସଂଘର ସଦସ୍ୟ ବୃନ୍ଦ।

ଓଡ଼ିଶା ରାଜ୍ୟ ବିଦ୍ୟୁତ୍ କର୍ମଚାରୀ ସଂଘ ବାର୍ଷିକ ଅଧିବେଶନର ଦ୍ୱିତୀୟ ଦିନରେ ସୋମବାର ସହରରେ ରାଲି ହୋଇଥିଲା। ହିଲ୍‌ପାଟଣା ସଂସ୍କୃତି ଭବନଠାରୁ ରାଲି ବାହାରି ଓପିସିଓଡିଏଲ୍ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ବିଭିନ୍ନ ଦାବି ସମୂହକୁ ନେଇ ବିକ୍ଷୋଭ କରାଯାଇଥିଲା। ଠିକା କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି ସହ ମାସିକ ୧୮ ହଜାର ଟଙ୍କା ବେତନ ବୃଦ୍ଧି, ଉଚ୍ଚ ଶିକ୍ଷିତ କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି, ଟେକ୍ନିକାଲ କର୍ମଚାରୀଙ୍କ ମଧ୍ୟରେ ଦରମାର ତାରତମ୍ୟ ଦୂରୀକରଣ, ଲାଇନ୍ ମ୍ୟାନ ବି-ଗ୍ରେଡ୍‌କୁ କନିଷ୍ଠ ଯନ୍ତ୍ରୀ ପଦବୀ, କର୍ମଚାରୀଙ୍କୁ ବାର୍ଷିକ ୧୫ ଦିନ ଛୁଟି ଓ ଉପଭୋକ୍ତାଙ୍କୁ ନିୟମିତ ବିଦ୍ୟୁତ୍ ବିଲ୍ ପ୍ରଦାନ ପାଇଁ ସଂଘ ପକ୍ଷରୁ ଦାବି ହୋଇଥିଲା। ଶୋଭାଯାତ୍ରାରେ ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ଜିଲା ସଭାପତି ପୀତବାସ ପଣ୍ଡାଙ୍କ ସମେତ ଭୋକାଲୀ ସେଠୀ ଓ ଓଡ଼ିଶା ରାଜ୍ୟ ବିଦ୍ୟୁତ୍ କର୍ମଚାରୀ ସଂଘ ସଭାପତି ପ୍ରଶାନ୍ତ ମହାପାତ୍ର, ସମ୍ପାଦକ ଅକ୍ଷୟ କୁମାର ତ୍ରିପାଠୀ, ଦୀନବନ୍ଧୁ ମହାନ୍ତି, ଘନଶ୍ୟାମ ଜେନା, ବିପିନ ସେଠୀ, ସଞ୍ଜୀବ ପ୍ରସାଦ ବେହେରା ଏବଂ ସଂଘର ବହୁ ସଦସ୍ୟ ଉପସ୍ଥିତ ଥିଲେ।

# ୧୯୯୫ ମାଟ୍ରିକ ବ୍ୟାଚର ବନ୍ଧୁମିଳନ

ଦିଗପହଣ୍ଡି,୨୭ା୧୨(ଡି.ଏନ.ଏ.)

ଦିଗପହଣ୍ଡି ସ୍ଥିତ ବଡଖେମୁଣ୍ଡି ହାଇସ୍କୁଲ ୧୯୯୫ ମାଟ୍ରିକ ବ୍ୟାଚର ବନ୍ଧୁମିଳନ କାର୍ଯ୍ୟକ୍ରମ ସ୍ଥାନୀୟ କମାପଡିଆ ନୀଳକଣ୍ଠେଶ୍ୱର ଶୈବପୀଠଠାରେ ଆୟୋଜିତ ହୋଇଯାଇଛି। ଏଥିରେ ୫୦ରୁ ଉର୍ଦ୍ଧ୍ୱ ପୁରାତନ ଛାତ୍ର ନିଜ ପରିବାର ସହ ଉପସ୍ଥିତ ଥିଲେ। ଏହି ଅବସରରେ ଅବସରପ୍ରାପ୍ତ ଶିକ୍ଷକ ବଳରାମ ପଣ୍ଡା, ଶିବରାମ ପଣ୍ଡା, ପ୍ରଦୀପ କୁମାର ଉଦଗାତା ଏବଂ ସୁରେନ୍ଦ୍ର ନାଥ ତ୍ରିପାଠୀଙ୍କ ହାଇସ୍କୁଲ ପ୍ରତି ସେମାନଙ୍କ ଉଲ୍ଲେଖନୀୟ ଅବଦାନ ଏବଂ ଛାତ୍ରମାନଙ୍କୁ ଉତ୍ତମ ଶିକ୍ଷାଦାନ ଉପରେ ଆଲୋକପାତ କରାଯାଇ ସେମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପୁରାତନ ଛାତ୍ର ତଥା ସହକାରୀ ଶିକ୍ଷକ ପ୍ରକାଶ ଚନ୍ଦ୍ର ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଅମୂଲ୍ୟ ରଥ, ବାଳକୃଷ୍ଣ ମହାରଣା, ପ୍ରଶାନ୍ତ ପଣ୍ଡା, ଏ.ରବୀନ୍ଦ୍ର, ମାଣିକେଶ୍ୱରୀ ଆଚାରୀ, ଏ.ଗୋବିନ୍ଦ, ସଞ୍ଜୟ ପାଣିଗ୍ରାହୀ, ପ୍ରଶାନ୍ତ ସାବତ, ବୁନା ଦାଶ ପ୍ରମୁଖ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଅସ୍ଥାୟୀ କର୍ମଚାରୀଙ୍କୁ ମିଳିନି ୨ ମାସର ଦରମା

ଛତ୍ରପୁର,୨୭ା୧୨(ଡି.ଏନ୍.ଏ.)

ପୁରୁଷୋତ୍ତମପୁର ଏନଏସିର ଅସ୍ଥାୟୀ କର୍ମଚାରୀ (ଡିଏଲଆର ଓ ସିଏଲଆର) ଦୀର୍ଘ ୧୮ ବର୍ଷ ହେଲା ନିରବଚ୍ଛିନ୍ନ ଭାବେ ସରକାରାଙ୍କ ନିର୍ଦ୍ଦେଶ ଅନୁସାରେ କାର୍ଯ୍ୟ କରି ଆସୁଛନ୍ତି । ଦରମା ବନ୍ଦ ସହ ଠିକା ଶ୍ରମିକ ଭାବେ କାମ କରିବାକୁ ସରକାରଙ୍କ ନିର୍ଦ୍ଦେଶନାମା ଆସିଥିବା ଏନଏସି କର୍ତ୍ତୃପକ୍ଷଙ୍କ ପକ୍ଷରୁ କୁହାଯାଉଛି। ଅନ୍ୟପଟେ ୨ ମାସ ହେଲା ଦରମା ବନ୍ଦ ଥିବା ସତ୍ତ୍ୱେ ମଧ କାର୍ଯ୍ୟରେ ଅବହେଳା କରିନ ଥିବା ଅସ୍ଥାୟୀ କର୍ମଚାରୀ କହିଛନ୍ତି। ଦରମା ଦେବାକୁ ସେମାନେ ଜିଲାପାଳଙ୍କୁ ଭେଟି ଅନୁରୋଧ କରିଛନ୍ତି ।

# ପୁରାତନ ଛାତ୍ରଙ୍କ ବନ୍ଧୁମିଳନ

ପାରଳାଖେମୁଣ୍ଡି,୨୭ା୧୨(ଡି.ଏନ୍.ଏ.)

ପାରଳାଖେମୁଣ୍ଡି ମହାରାଜାଙ୍କ ଉଚ୍ଚ ବିଦ୍ୟାଳୟର ୧୯୮୯ ମାଟ୍ରିକ୍ ବ୍ୟାଚ୍ ଛାତ୍ରୀଛାତ୍ରମାନଙ୍କ ଏକ ବନ୍ଧୁମିଳନ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ସମସ୍ତ ସହପାଠୀ ପାରଳାଖେମୁଣ୍ଡିସ୍ଥିତ ରାଧାରାଣୀ ହଲ୍‌ରେ ଏକତ୍ରିତ ହୋଇ ଜଗନ୍ନାଥଙ୍କ ପ୍ରତିମୂର୍ତ୍ତି ଏବଂ ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ପ୍ରତିଛବିରେ ପ୍ରଦୀପ ପ୍ରଜ୍ୱଳନ କରି ଭିସି ମାଧମରେ ବିଦେଶରେ ଥିବା ବନ୍ଧୁମାନେ ଏହି ମିଳନ ଉତ୍ସବରେ ଯୋଗ ଦେଇଥିଲେ। କୁନି ଛୁଆମାନଙ୍କ ମଧ୍ୟରେ ନୃତ୍ୟ ପ୍ରତିଯୋଗିତା କରାଯାଇଥିଲା।

# ନବାଗତ ଛାତ୍ରୀମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ପୋଲସରା,୨୭ା୧୨(ଡି.ଏନ୍.ଏ.)– ପୋଲସରାସ୍ଥିତ ଆଞ୍ଚଳିକ ମହିଳା ମହାବିଦ୍ୟାଳୟରେ ପ୍ରଥମ ବର୍ଷର ଛାତ୍ରୀଙ୍କୁ ନେଇ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମହିଳା ମହାବିଦ୍ୟାଳୟ ଅଧକ୍ଷା ରଞ୍ଜିତା କୁମାରୀ ମିଶ୍ର ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବରେ ଅଧକ୍ଷତା କରିଥିବା ବେଳେ ମୁଖ୍ୟଅତିଥି ଭାବେ ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ପୋଲସରା ବିଡିଓ ସୁରଞ୍ଜନ ସାହୁ, ତହସିଲଦାର ଦିଲୀପ କୁମାର ନାୟକ, ପୂର୍ବତନ ନଗରପାଳ ପ୍ରଫୁଲ୍ଲ କୁମାର ପ୍ରଧାନ, ପୂର୍ବତନ ଅଧକ୍ଷ ପ୍ରଦୀପ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଦ୍ୱିତୀୟ ବର୍ଷର ଛାତ୍ରୀମାନେ ନବାଗତ ପ୍ରଥମ ବର୍ଷର ଛାତ୍ରୀମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପୂର୍ବକ ଅଭିଭାଷଣ ଦେଇଥିଲେ। କାର୍ଯ୍ୟକ୍ରମରେ ଶିଶିର କୁମାର ବିଷୋୟୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଆଶିଷ କୁମାର ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ। ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରୀ ଉପସ୍ଥିତ ଥିଲେ।

# ବେଆଇନ ପାର୍କିଂ ପାଇଁ ଜରିମାନା, ସଚେତନତା କାର୍ଯ୍ୟକ୍ରମ


ସଚେତନ କରାଯାଉଛି ।

ଧରାକୋଟ,୨୭ା୧୨(ଡି.ଏନ୍.ଏ.)

ଧରାକୋଟ ଥାନାଧିକାରୀ ଉମାକାନ୍ତ ସାହୁଙ୍କ ନେତୃତ୍ୱରେ ବେଆଇନ ପାର୍କିଂ କରିଥିବା ଚାଳକଙ୍କ ବିରୋଧରେ କଡ଼ା ପଦକ୍ଷେପ ନିଆଯିବ ବୋଲି ସୋମବାର ସଚେତନ କରାଯାଇଛି। ଧରାକୋଟ ମେଡିକାଲ ଛକଠାରୁ ବଜାର ଛକ ପର୍ଯ୍ୟନ୍ତ ସର୍ବଦା ଜନଗହଳି ଲାଗି ରହୁଛି। ଚାଳକମାନେ ବେପାରୁଆ ଭାବେ ରାସ୍ତା ଉପରେ ପାର୍କିଂ କରୁଥିବା ଯୋଗୁ ଟ୍ରାଫିକ୍ ସମସ୍ୟା ଦେଖାଦେଇଛି। ଏଣୁ ସୋମବାର ସ୍ଥାନୀୟ ପୋଲିସ ଏକ ପଦଯାତ୍ରା କରି ଆଇନ ଖିଲାପକାରୀଙ୍କ ଉପରେ ଜରିମାନା ଲଗାଇଥିବା ବେଳେ ରାସ୍ତା କଡ଼ ବ୍ୟବସାୟୀମାନଙ୍କୁ ତାଗିଦା କରାଯାଇଛି। ଏହା ସହ ଧରାକୋଟ ମେଡିକାଲଠାରୁ ଥାନା ପର୍ଯ୍ୟନ୍ତ ରାସ୍ତାକଡ଼ରେ ଶୌଚ ହେଉଥିବାରୁ ପୂତିଗନ୍ଧମୟ ପରିବେଶକୁ ସମ୍ପୂର୍ଣ୍ଣ ସଫା କରାଯିବା ସହ ରାସ୍ତାକଡ଼ର ଉଭୟ ପାର୍ଶ୍ୱରେ ତୁଳସୀ ଗଛ, ବିଭିନ୍ନ ଫୁଲଗଛ ଲଗାଇବାକୁ ଜନସାଧାରଣଙ୍କୁ ଥାନା ପକ୍ଷରୁ ନିବେଦନ କରାଯାଇଛି। ରାସ୍ତାକଡ଼ରେ ଶୌଚ କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଥାନାଧିକାରୀ କହିଛନ୍ତି।

# ପଞ୍ଜାବରୁ ଅଣଓଡ଼ିଆ ସ୍ୱାମୀ ଗିରଫ

## ସ୍ତ୍ରୀଙ୍କୁ ୨୦ ଲକ୍ଷର ଠକେଇ

ବ୍ରହ୍ମପୁର ଅଫିସ,୨୭ା୧୨

ବ୍ରହ୍ମପୁର ଅଫିସ,୨୭ା୧୨– ଫେସ୍‌ବୁକରେ ଦିଲ୍ଲୀର ଜଣେ ଯୁବକ ବ୍ରହ୍ମପୁରର ଜଣେ ଯୁବତୀଙ୍କୁ ପ୍ରେମ ବିବାହ କରିଥିଲେ। ଶ୍ୱଶୁରଘର ଲୋକଙ୍କୁ ମିଥ୍ୟାକଥା କହି ପର୍ଯ୍ୟାୟକ୍ରମେ ପ୍ରାୟ ୨୦ ଲକ୍ଷ ଟଙ୍କା ଠକି ନେଇଛନ୍ତି। ଅଭିଯୋଗ ପରେ ଗୋଷାଣୀନୂଆଗାଁ ଥାନା ପୋଲିସ ଅଭିଯୁକ୍ତଙ୍କୁ ପଞ୍ଜାବର ମୋଗା ଜିଲା ଭାଗାପୁରାନା ଥାନା ଅଞ୍ଚଳରୁ ଗିରଫ କରିଥିବା କହିଛି। ଯୁବକ ଜଣଙ୍କ ହେଲେ ଦିଲ୍ଲୀର ଅଜୟ କୁମାର (୩୫) ଓ ସେ ଜଣେ ଅଣଓଡିଆ ବୋଲି ପୋଲିସ କହିଛି। ମାମଲା ନଂ.୭୪/୨୧ରେ ସୋମବାର ଅଭିଯୁକ୍ତ ଅଜୟଙ୍କୁ କୋର୍ଟ ଚାଲାଣ କରାଯାଇଛି।

ପ୍ରକାଶ ଯେ, ୨୦୧୯ରେ ବ୍ରହ୍ମପୁରର ଜଣେ ଯୁବତୀ ଓ ଅଜୟ କୁମାରଙ୍କ ମଧ୍ୟରେ ଫେସ୍‌ବୁକ୍‌ରେ ସମ୍ପର୍କ ହୋଇଥିଲା। ପରେ ଅଜୟ ବ୍ରହ୍ମପୁର ଆସିଥିଲେ। ସେଠାରୁ ଦୁହେଁ ପଞ୍ଜାବ ଯାଇ ବିବାହ କରିଥିଲେ। ଅଜୟ ସ୍ତ୍ରୀଙ୍କୁ ଦିଲ୍ଲୀ ନେଇ କିଛି ମାସ ରଖି ପରେ ଆଣି ବ୍ରହ୍ମପୁର ଗୋଷାଣୀନୂଆଗାଁରେ ଥିବା ଶ୍ୱଶୁରଘରେ ଛାଡି ଦେଇଥିଲେ। ପରେ ଅଜୟ ଦିଲ୍ଲୀ ପଳାଇ ଯାଇଥିଲେ। ଦିଲ୍ଲୀରେ ଥିବା ବେଳେ ସ୍ୱାସ୍ଥ୍ୟ ଖରାପ ଦର୍ଶାଇ ସ୍ତ୍ରୀଙ୍କ ଜରିଆରେ ତାଙ୍କ ବାପାଙ୍କଠାରୁ ଲକ୍ଷ ଲକ୍ଷ ଟଙ୍କା ନେଇଥିଲେ। ପରେ ବିଦେଶରେ କାମ ମିଳିଛି ବୋଲି ଅଜୟ ମିଥ୍ୟା କଥାକହି ଶ୍ୱଶୁରଙ୍କଠାରୁ ପର୍ଯ୍ୟାୟକ୍ରମେ ଏଭଳି ଭାବେ ପ୍ରାୟ ୨୦ଲକ୍ଷ ଟଙ୍କା ନେଇଯାଇଥିଲେ। କିଛି ଦିନ ପରେ ସ୍ତ୍ରୀଙ୍କ ଫୋନ ଅଜୟ ଉଠାଇ ନ ଥିଲେ। ମହିଳା ଜଣଙ୍କ ଠକେଇର ଶିକାର ହୋଇଥିବା ଜାଣି ଗତ ଜୁନ ୧୬ରେ ସ୍ୱାମୀଙ୍କଠାରୁ ମାନସିକ ଓ ଶାରୀରିକ ନିର୍ଯାତନା ସହ ଟଙ୍କା ଠକେଇର ଶିକାର ହୋଇଥିବା ନେଇ ଗୋଷାଣୀନୂଆଗାଁ ଥାନାରେ ଏତଲା ଦେଇଥିଲେ।

# ଡିଭାଇଡରକୁ ଧକ୍କା ଦେଇ ବାଇକ୍ ଚାଳକଙ୍କ ମୃତ୍ୟୁ

ଗୋପାଳପୁର,୨୭ା୧୨(ଡି.ଏନ୍.ଏ.)

୧୬ନଂ. ଜାତୀୟ ରାଜପଥ ଡିଭାଇଡରକୁ ଧକ୍କା ଦେଇ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଆନ୍ଧ୍ରପ୍ରଦେଶ ରାଜ୍ୟ ଇଚ୍ଛାପୁର ପନ୍ଦରା ସାହିର ସନାତନ ପଣ୍ଡିତ (୩୪)। ସନାତନ ବାଇକ୍ ଯୋଗେ କୌଣସି କାର୍ଯ୍ୟ ନେଇ ବ୍ରହ୍ମପୁର ଆସିଥିଲେ। କାମ ସାରି ରବିବାର ରାତିରେ ଘରକୁ ଫେରୁଥିବା ବେଳେ ଗୋଳନ୍ଥରା ଥାନା ଅନ୍ତର୍ଗତ ୧୬ନଂ. ଜାତୀୟ ରାଜପଥ ଭାଲିଆଗଡ଼ ନିକଟରେ ସେ ଭାରସାମ୍ୟ ହରାଇ ଡିଭାଇଡରକୁ ଧକ୍କା ଦେଇ ରାସ୍ତା କଡ଼ରେ ଛିଟିକି ପଡ଼ିଯାଇଥିଲେ। ତାଙ୍କୁ ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ନଂ. ୩୬୮/୨୧ରେ ମାମଲା ରୁଜୁ ହୋଇଛି।

# ମିଷ୍ଟର ବାଲେଶ୍ୱର ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା

## ଗଞ୍ଜାମକୁ ୩ ସ୍ୱର୍ଣ୍ଣ

ବ୍ରହ୍ମପୁର ଅଫିସ,୨୭ା୧୨

ଆଇବିବିଏଫଏଫ ଓ ଓବିବିଏଫଏ ମିଳିତ ଆନୁକୂଲ୍ୟରେ ବାଲେଶ୍ୱର ସୁନ୍ଦର ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ଗତ ୨୬ତାରିଖରେ ବାଲେଶ୍ୱର ସୋରଠାରେ ମିଷ୍ଟର ବାଲେଶ୍ୱର-୨୦୨୧ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ସୁନ୍ଦର ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ୩ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗୀ ବିଭିନ୍ନ ବର୍ଗରେ ଅଂଶ ଗ୍ରହଣ କରି ନିଜ ନିଜ ବର୍ଗରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ପ୍ରତିଯୋଗୀମାନେ ହେଲେ ଚନ୍ଦନ କୁମାର ପାଣିଗ୍ରାହୀ ୫୦-୬୦ କେଜି ବର୍ଗରେ ସ୍ୱର୍ଣ୍ଣ ପଦକ ସହ ଓଭରାଲ ରନର୍ସ ଅପ୍, କ୍ରିଷ୍ଣାବଂଶୀ (ବନ୍ନି) ୬୦-୭୦ କେ.ଜି.ବର୍ଗରେ ସ୍ୱର୍ଣ୍ଣ ଓ ମହେଶ୍ୱର ଜେନା ୬୫- କେ.ଜି.ବର୍ଗରେ ସ୍ୱର୍ଣ୍ଣ ପଦକ ଅର୍ଜନ କରିଛନ୍ତି। ପ୍ରତିଯୋଗୀମାନେ ସୋମବାର ସନ୍ଧ୍ୟାରେ ବ୍ରହ୍ମପୁର ଠାରେ ପହଞ୍ଚିବା ପରେ ଜିଲା ସୁନ୍ଦର ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ତାଙ୍କୁ ଶୁଭେଚ୍ଛା ଜଣାଯାଇଛି।

# ଜିଲାସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ

ହିଞ୍ଜିଳିକାଟୁ,୨୭ା୧୨(ଡି.ଏନ୍.ଏ.)


ମୁଖ୍ୟଅତିଥି ଓ ଅନ୍ୟମାନେ ଟୁର୍ଣ୍ଣାମେଣ୍ଟକୁ ଉଦଘାଟନ କରୁଛନ୍ତି।

ହିଞ୍ଜିଳିକାଟୁ ବୃନ୍ଦାବନ ବିଦ୍ୟାପୀଠ ମିନି ଷ୍ଟାଡ଼ିୟମରେ ରୟାଲ କ୍ରିକେଟ କ୍ଲବ ପକ୍ଷରୁ ହିଞ୍ଜିଳିକାଟୁ ପ୍ରିମିୟର ଲିଗ ସୋମବାର ଉଦଘାଟିତ ହୋଇଛି। ମୁଖ୍ୟମନ୍ତ୍ରୀଙ୍କ ଡିଆରଡିଏ ପ୍ରତିନିଧି ଶରତ ଚନ୍ଦ୍ର ମହାପାତ୍ର ଜିଲାସ୍ତରୀୟ ଏହି ଟୁର୍ଣ୍ଣାମେଣ୍ଟକୁ ଉଦଘାଟନ କରିଛନ୍ତି। ଇଗଲ କ୍ରିକେଟ କ୍ଲବ ସଭାପତି ସଞ୍ଜୟ କୁମାର ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସମ୍ମାନିତ ଅତିଥି ଭାବେ ବିଡ଼ିଓ ସୁବ୍ରତ କୁମାର ଜେନା ଓ ପୌରପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଡ. ମନୋରଞ୍ଜନ ସାହୁ, ପୂର୍ବତନ ନଗରପାଳ ଶିବରାମ ଗୌଡ, ପବିତ୍ର ମୋହନ ପାଣିଗ୍ରାହୀ, ମନୋଜ ସାବତ, ପ୍ୟାରି ମୋହନ ପାଢ଼ୀ, ନୀଳମଣି ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ। ଉଦଘାଟନୀ ମ୍ୟାଚରେ ବଡଗଡର ପ୍ରିନ୍ସ କ୍ରିକେଟ କ୍ଲବ ଓ ଚେରମାରିଆର ଡେଲିସିଅସ କ୍ରିକେଟ କ୍ଲବକୁ ୨୯ ରନରେ ହରାଇ ବିଜୟୀ ହୋଇଛି। ବଡଗଡ ଟିମ୍‌ର ଦିବାକର ମ୍ୟାନ ଅଫ ଦି ମ୍ୟାଚ ହୋଇଥିଲେ। ପ୍ରଶାନ୍ତ କୁମାର ପାଢୀ ଓ ବିଷ୍ଣୁ ପଣ୍ଡା ଅମ୍ପାୟର ଥିବାବେଳେ ଅମୂଲ୍ୟ କୁମାର ପଣ୍ଡା ସ୍କୋରର ଥିଲେ। ପ୍ରଶାନ୍ତ ପ୍ରଧାନ, ସଚିନ ସେଠୀ, ନୀଳାମ୍ବର ପାତ୍ରଙ୍କ ସହ ରୟାଲ କ୍ରିକେଟ ଟିମର ସଦସ୍ୟ ପରିଚାଳନାରେ ସହଯୋଗ କରିଥିଲେ ।

# ରୋଗୀ କଲ୍ୟାଣ ସମିତି ବୈଠକ

ଛତ୍ରପୁର,୨୭ା୧୨(ଡି.ଏନ୍.ଏ.)

ଛତ୍ରପୁର ହସ୍ପିଟାଲ ରୋଗୀ କଲ୍ୟାଣ ସମିତି କାର୍ଯ୍ୟକାରୀ କମିଟି ବୈଠକ ସୋମବାର ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଉପଜିଲାପାଳ ନୀଳ ମାଧବ ଭୋଇ ଅଧକ୍ଷତା କରିଥିଲେ। ହସ୍ପିଟାଲ ପରିସରରେ ଥିବା ସ୍ପେଶାଲ କ୍ୟାବିନ୍ ମରାମତି, ଡାକ୍ତର ଓ ଷ୍ଟାଫ୍‌ଙ୍କ ପାଇଁ କ୍ୱାର୍ଟର ନିର୍ମାଣ, ଅକ୍ସିଜେନ୍ ପାଇପ୍ ଲାଇନ୍ ସଂପ୍ରସାରଣ, ବସ୍ତି ଅଞ୍ଚଳରେ ସ୍ୱାସ୍ଥ୍ୟ ଶିବିର ପାଇଁ ନିଷ୍ପତ୍ତି ହୋଇଥିଲା । ଆଗକୁ ରୋଗୀଙ୍କୁ ଖାଦ୍ୟ ମିଶନ ଶକ୍ତି ଦ୍ୱାରା ତ୍ୱରାନ୍ୱିତ କରାଯିବ ବୋଲି ଆଲୋଚନା ହୋଇଥିଲା । ନିରାମୟ କେନ୍ଦ୍ର ରାତି ୧୦ଟା ପର୍ଯ୍ୟନ୍ତ ଖୋଲାଯିବା ପାଇଁ ଆବଶ୍ୟକୀୟ ଷ୍ଟାଫ୍ ନିଯୁକ୍ତି ଲାଗି ସିଡିଏମଓଙ୍କୁ ଅବଗତ କରାଯିବ ବୋଲି ସ୍ଥିର ହୋଇଥିଲା । ହସ୍ପିଟାଲ ପରିସରରେ ମୋ ସରକାର ସେଲ୍ ଖୋଲିବାକୁ ସଭ୍ୟମାନେ ପ୍ରସ୍ତାବ ଦେଇଥିଲେ। ବୈଠକରେ ସୁପରିଣ୍ଟେଣ୍ଡେଣ୍ଟ ଡା. ପ୍ରଫୁଲ୍ଲ ଚନ୍ଦ୍ର ଗୌଡ, ହସ୍ପିଟାଲ ମ୍ୟାନେଜର ସନ୍ତୋଷ କୁମାର ପଣ୍ଡା, ଡା. ସୁଦର୍ଶନ ସାହୁ, କମିଟି ସଭ୍ୟ ବିଜୟ ପଟ୍ଟନାୟକ, କୃପାସିନ୍ଧୁ ପଣ୍ଡା, ବସନ୍ତ କୁମାର ମହାରଣା, ରେଖା ମହାନ୍ତିଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

ଧରିତ୍ରୀ
DHARITRI
ବ୍ରହ୍ମପୁର, ମଙ୍ଗଳବାର, ୨୮ ଡିସେମ୍ବର, ୨୦୨୧



## ବାରହା ଫାଶରେ ପଡି ଗୁରୁତର ମହିଳାଙ୍କ ମୃତ୍ୟୁ

ବୁଗୁଡ଼ା,(ଡି.ଏନ.ଏ.): ବୁଗୁଡ଼ା ଥାନା ବାଲିପଦର ଫାଣ୍ଡି ଅନ୍ତର୍ଗତ ଗୌଡିଆ ବରୋଦା ପଞ୍ଚାୟତର ଗାନ୍ଧୀ ଗ୍ରାମରେ ବାର୍‌ହା ଶିକାର ପାଇଁ ବିଛା ଯାଇଥିବା ବିଦ୍ୟୁତ ତାରରେ ଲାଗି ଗୁରୁତର ହୋଇଥିବା ମହିଳା ଚାଷୀଙ୍କର ସୋମବାର ମୃତ୍ୟୁ ଘଟିଛି। ସେ ହେଲେ ବାବୁଲା ସ୍ୱାଇଁଙ୍କ ସ୍ତ୍ରୀ ରଜନୀ (୪୫)। ରବିବାର ରଜନୀ ବିଲରେ କଟା ଯାଇଥିବା ଧାନ ଘୋଡ଼ାଇବାକୁ ଯାଉଥିବା ବେଳେ ପଡିଆଭଙ୍ଗାଠାରେ ବନ୍ୟଜନ୍ତୁ ଶିକାର ପାଇଁ ବିଛା ଯାଇଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଜଳି ଯାଇଥିଲେ। ତାଙ୍କୁ ପ୍ରଥମେ ବୁଗୁଡ଼ା ମେଡିକାଲ, ପରେ ବ୍ରହ୍ମପୁର ମେଡିକାଲ ଓ ତା'ପରେ କଟକ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା।

**ସଂକ୍ଷେପରେ**

## ଜାହ୍ନବୀ ମିସ୍ ଇଣ୍ଡିଆ ୟୁନିଭର୍ସ



ପାରଳାଖେମୁଣ୍ଡି,୨୭।୧୨(ଡି.ଏନ୍.ଏ.) ଗଜପତି ଜିଲା ଗୋଷାଣୀ ବ୍ଲକ ଅନ୍ତର୍ଗତ ବଡଗୋଷାଣୀ ଗ୍ରାମପଞ୍ଚାୟତ ମହାଦେବୀପୁର ଗ୍ରାମର ଜାହ୍ନବୀ ଜେନା ମିସ୍ ଇଣ୍ଡିଆ ୟୁନିଭର୍ସ-୨୦୨୧ ଅନ୍‌ଲାଇନ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଏହି ପ୍ରତିଯୋଗିତାରେ ଭାରତର ୫୬ ଜଣ ଅଂଶ ଗ୍ରହଣ କରିଥିଲେ। ଏଥିରେ ବିଭିନ୍ନ ପ୍ରକାର ପ୍ରଶ୍ନ, ନୃତ୍ୟ, ଫଟୋ ଶୁଟ, ୱାକିଂ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ନିଜର ଜ୍ଞାନ ଓ ସଂସ୍କୃତିକୁ ଉପସ୍ଥାପିତ କରି ଜାହ୍ନବୀ ବିଚାରକମାନଙ୍କ ଦୃଷ୍ଟି ଆକର୍ଷଣ କରିବା ସହିତ ସଫଳତା ପାଇଥିଲେ। ପୂର୍ବରୁ ମଧ ସେ ଫ୍ୟାଶନ୍ ଶୋ'ରେ ସଫଳତା ହାସଲ କରିଥିଲେ। ଏଥିଲାଗି ଜାହ୍ନବୀଙ୍କୁ ଦେଶର ବିଭିନ୍ନ ପ୍ରାନ୍ତରୁ ଶୁଭେଚ୍ଛା ଆସୁଛି। ସୂଚନାଯୋଗ୍ୟ, ଜାହ୍ନବୀ ଜେନା ମହାଦେବୀପୁର ଗ୍ରାମର ସ୍ୱର୍ଗତ ହୃଷୀକେଶ ଜେନାଙ୍କ କନିଷ୍ଠ କନ୍ୟା।

## ବିଜେଡି ଜୋନସ୍ତରୀୟ ବୈଠକ

ଆସିକା,୨୭।୧୨(ଡି.ଏନ୍.ଏ.): ଆସିକା ବିଧାନସଭା ନିର୍ବାଚନ ମଣ୍ଡଳୀ ବିଜେଡି ପକ୍ଷରୁ ସୋମବାର ଆସିକା ବ୍ଲକର ବାଲିସିରାସ୍ଥିତ ଗୋପିନାଥ ମନ୍ଦିର ସମ୍ମୁଖରେ ୨ନମ୍ବର ଜୋନର ଜୋନସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା । ବିଧାୟିକା ମଞ୍ଜୁଳା ସ୍ୱାଇଁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଗଞ୍ଜାମ ଜୋନ ଯୁବବିଜେଡି ଅଧକ୍ଷ ନଚିକେତା ସ୍ୱାଇଁ, ଶିବ ନାହାକ, ଦିଲୀପ ପାଣିଗ୍ରାହୀ, ବିଦ୍ୟାନ୍ତ କୁମାର ଚର୍ଚ୍ଚି, ଅଭିମନ୍ୟୁ ନାହାକ, ଅନିମା ପରିଡା, ଗୌରହରି ବେହେରା, ଦେବରାଜ ନାହାକ, ରାଜେଶ ପଟ୍ଟନାୟକ ପ୍ରମୁଖ ମଞ୍ଚାସୀନ ଥିଲେ । ଆଗାମୀ ପଞ୍ଚାୟତ ନିର୍ବାଚନରେ ଦଳୀୟ ପ୍ରାର୍ଥୀଙ୍କ ବିପୁଳ ବିଜୟ ଲାଗି ସମସ୍ତେ ସଂକଳ୍ପବଦ୍ଧ ହେବାକୁ ଆହ୍ୱାନ ଦିଆଯାଇଥିଲା । ଏହି ଅବସରରେ ବାଲିସିରା ପଞ୍ଚାୟତର ବହୁ ପରିବାର ଅନ୍ୟଦଳରୁ ଆସି ବିଜେଡିରେ ଯୋଗଦେଇଥିଲେ। ଲଣ୍ଡାଜୁଆଳି ଗ୍ରାମରେ ମଧ ବିଧାୟିକାଙ୍କ ଏକ ଶୋଭାଯାତ୍ରା ଗ୍ରାମ ପରିକ୍ରମା କରିଥିଲା।

## ପୂର୍ବତନ ଅର୍ଥମନ୍ତ୍ରୀଙ୍କ ବିୟୋଗରେ ଶୋକ

ପୋଲସରା,୨୭।୧୨(ଡି.ଏନ.ଏ.)- ପୋଲସରା ସହରସ୍ଥିତ ରତନେଇ ଠାକୁରାଣୀ ମନ୍ଦିର ପରିସରରେ ଗଞ୍ଜାମ ରାଜନୀତିର ଚାଣକ୍ୟ ଦିବଂଗତ ରାମକୃଷ୍ଣ ପଟ୍ଟନାୟକଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଏକ ଶୋକସଭା ଆୟୋଜିତ ହୋଇଯାଇଛି। ଏଥିରେ ରାମକୃଷ୍ଣଙ୍କ ଅନ୍ତରଙ୍ଗ ଭାବରେ ଜଣାଶୁଣା ଦାମୋଦର ସ୍ୱାଇଁ, ରୋହିତ ପ୍ରଧାନ, ରମେଶ ମିଶ୍ର, ରଘୁନାଥ ପଣ୍ଡା, ଦୀନବନ୍ଧୁ ସାହୁ, ନାରାୟଣ ସାହୁ, ଶରତ ପାଣିଗ୍ରାହୀ, ଶରତ ନାୟକ, ଗୋରାଚାନ୍ଦ ସାହୁ, ଦିଲୀପ ପାତ୍ର, ମୁନି ରଥ, କୁନା ରଥ, ଗୋବିନ୍ଦ ମିଶ୍ର, ଭୋବନୀ ସାହୁ, ପ୍ରଭାକର ପାଣିଗ୍ରାହୀ, ତପନ ସାହାଣୀ, ରାମହରି ପଣ୍ଡା, ସନ୍ତୋଷ ମଲିକ, ଟୁନା ମହାରଣା ପ୍ରମୁଖ ଯୋଗଦେଇ ତାଙ୍କ ଫଟୋଚିତ୍ରରେ ପୁଷ୍ପ ମାଲ୍ୟାର୍ପଣ କରିଥିଲେ। ଏହି ଅବସରରେ ଆସନ୍ତା ୨ ତାରିଖରେ ରାମକୃଷ୍ଣଙ୍କ ଦଶାହରେ ଏକ ସାମୂହିକ ତିଳତର୍ପଣ କାର୍ଯ୍ୟକ୍ରମ ପାଇଁ ନିଷ୍ପତ୍ତି ନିଆଯାଇଛି।

## ଚୋରା ବାଇକ୍ ଜବତ, ଅଭିଯୁକ୍ତ ଗଲେ ଜେଲ

ଦିଗପହଣ୍ଡି,୨୭।୧୨(ଡି.ଏନ.ଏ.)-ଦିଗପହଣ୍ଡି ପୋଲିସ ସୋମବାର ଦକ୍ଷିଣପୁର ଗ୍ରାମର ଏଲ. ଶିବ ରେଡ୍ଡୀଙ୍କୁ ସୋମବାର କୋର୍ଟ ଚାଲାଣ କରିଛି। ମାମଲା ନଂ.୩୫୨/୨୧ ଅନୁଯାୟୀ ଜାମିନ ଆବେଦନ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ଦିଗପହଣ୍ଡି ସବ୍ ଜେଲ ହାଜତକୁ ପଠାଇ ଦିଆଯାଇଛି। ଅଭିଯୁକ୍ତଙ୍କ ନିକଟରୁ ପୋଲିସ ଏକ ଚୋରା ବାଇକ୍ ଜବତ କରିଛି। ରବିବାର ଭୋରରେ ଥାନା ଏସଆଇ ମାଧବ ଚନ୍ଦ୍ର ଟାକ୍ରି ସଦଳବଳେ ଗୋକର୍ଣ୍ଣପୁର-ବଡ଼ଡୁମୁଳା ରାସ୍ତାରେ ପାଟ୍ରୋଲିଂ କରୁଥିବା ବେଳେ ଅଭିଯୁକ୍ତ ଶିବ ଉକ୍ତ ବାଇକ୍‌ରେ ଦ୍ରୁତଗତିରେ ଯାଉଥିବା ବେଳେ ସନ୍ଦେହରେ ତାଙ୍କୁ ଅଟକାଇ ଖାନତଲାସ କରିବାରୁ ବାଇକ୍‌ଟି ଚୋରି ବାଇକ୍ ବୋଲି ଜଣାପଡିଥିଲା। ଅଭିଯୁକ୍ତ ଏବଂ ବ୍ରହ୍ମପୁରର କେତେଜଣ ସହଯୋଗୀ ମିଶି ନିୟମିତ ବ୍ୟବଧାନରେ ବ୍ରହ୍ମପୁର ବଡ଼ବଜାର, ବ୍ରହ୍ମପୁର ସଦର ଥାନା ଇଲାକା ସମେତ ବ୍ରହ୍ମପୁର ମେଡିକାଲ କ୍ୟାମ୍ପସ ଇଲାକାରୁ ପ୍ରାୟ ୨୫ରୁ ଊର୍ଦ୍ଧ୍ୱ ବାଇକ୍ ଚୋରି କରି ବିକ୍ରି କରୁଥିଲେ।

# ଡାକ୍ତରୀ ପିଜି ନାମଲେଖାରେ ଅବ୍ୟବସ୍ଥାର ପ୍ରତିବାଦ

ବ୍ରହ୍ମପୁର ଅଫିସ,୨୭।୧୨




କନିଷ୍ଠ ଡାକ୍ତରଙ୍କ ଧାରଣା ଓ ପ୍ରତିବାଦ ।

ଡାକ୍ତରୀ ପିଜି ପାଠ୍ୟକ୍ରମରେ ନାମଲେଖା ପାଇଁ ଆଶାବାନ୍ଧି ବସିଥିବା ଛାତ୍ରୀଛାତ୍ରଙ୍କର ଗୋଟିଏ ବର୍ଷ ନଷ୍ଟ ହେବାକୁ ଯାଉଛି। ସଂରକ୍ଷଣକୁ ନେଇ ସୁପ୍ରିମକୋର୍ଟରେ ମାମଲା ବିଚାରାଧୀନ ଥିବା ବେଳେ ଏଭଳି ଅଚଳାବସ୍ଥା ସୃଷ୍ଟି ହୋଇଛି। ଯାହାକୁ ନେଇ ଦିଲ୍ଲୀରେ ଥିବା ଫେଡେରେଶନ ଅଫ୍ ରେସିଡେଣ୍ଟ ଡକ୍ଟର୍ସ ଆସୋସିଏଶନ(ଫୋରେଡା) ପକ୍ଷରୁ ଗତ ୧୭ତାରିଖରୁ ପିଜି ଡାକ୍ତରମାନେ ଆନ୍ଦୋଳନ ଜାରି ରଖିଛନ୍ତି। ଏହାକୁ ସମର୍ଥନ ଜଣାଇ ମହାରାଜା କୃଷ୍ଣଚନ୍ଦ୍ର ଗଜପତି (ଏମ୍‌କେସିଜି)ର କନିଷ୍ଠ ଡାକ୍ତର ସଂଘ (ଜେଡିଏ) ପକ୍ଷରୁ ସୋମବାର ଏମ୍‌କେସିଜ ମେଡିକାଲ ମୁଖ୍ୟ ଫାଟକ ସମ୍ମୁଖରେ ପ୍ରତିବାଦ କରିବା ସହ ଧାରଣା ଦିଆଯାଇଥିଲ। ପରେ ସେମାନେ ଏମ୍‌କେସିଜି ପ୍ରିନ୍ସିପାଲ ତଥା ଡିନ୍ ଡା.ଅବନୀ କାନ୍ତ ମିଶ୍ରଙ୍କୁ ସ୍ମାରକପତ୍ର ଦେଇଛନ୍ତି। ମଙ୍ଗଳବାରରୁ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବେ ବୋଲି ଜେଡିଏ ସଭାପତି ସତ୍ୟସ୍ୱରୂପ ପଟ୍ଟନାୟକ ସୂଚନା ଦେଇଛନ୍ତି। ୩୦୦ କନିଷ୍ଠ ଡାକ୍ତର କେବଳ ଜରୁରୀ ସେବା ବ୍ୟତୀତ ଅନ୍ୟ କୌଣସିରେ ସହଯୋଗ କରିବେ ନାହିଁ ବୋଲି ପଟ୍ଟନାୟକ କହିଛନ୍ତି। ଏହି ଆନ୍ଦୋଳନ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଜାରି ରହିବ ବୋଲି ସଂଘ ଏକ ପ୍ରେସ ବିଜ୍ଞପ୍ତିରେ ସୂଚନା

### ୩୦୦ କନିଷ୍ଠ ଡାକ୍ତରଙ୍କ ଧାରଣା ଜାରି

ଦେଇଛି। ସେମାନଙ୍କ ଆନ୍ଦୋଳନ ଯୋଗୁ ମେଡିକାଲରେ ରୋଗୀସେବା ଗୁରୁତର ଭାବେ ପ୍ରଭାବିତ ହେବାର ଆଶଙ୍କା ରହିଛି। ସର୍ବଭାରତୀୟ ଡାକ୍ତରୀ ନାମଲେଖା କ୍ଷେତ୍ରରେ ପଛୁଆବର୍ଗ (ଓବିସି), ଆର୍ଥିକ ଦୃଷ୍ଟିରୁ ପଛୁଆବର୍ଗ (ଇଡବ୍ଲ୍ୟୁଏସ୍)ଙ୍କ ପାଇଁ ସଂରକ୍ଷଣ ବ୍ୟବସ୍ଥା ଲାଗୁ କରିବାକୁ ନିର୍ଦ୍ଦେଶ ରହିଛି। ଫଳରେ ସର୍ବଭାରତୀୟସ୍ତରରେ ଓବିସି ପାଇଁ ୨୭% ଓ ଇଡବ୍ଲ୍ୟୁଏସ୍ ପାଇଁ ୧୦% ସଂରକ୍ଷଣ ରହିବ। ଏଭଳି ବ୍ୟବସ୍ଥା ଫଳରେ ସର୍ବଭାରତୀୟ ସ୍ତରରେ ୬୭% ବିଭିନ୍ନ ବର୍ଗରେ ସଂରକ୍ଷଣ ବ୍ୟବସ୍ଥା ରହିବ, ଏହାକୁ ଚାଲେଞ୍ଜ କରି ଡାକ୍ତରୀ ଛାତ୍ରୀଛାତ୍ର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ତାରିଖ ପରେ ତାରିଖ ଗଡୁଥିବା ବେଳେ ଏହାର ପରବର୍ତ୍ତୀ ଶୁଣାଣି ଜାନୁୟାରୀ ୬କୁ ରହିଛି। ପିଜି ନାମଲେଖା ପାଇଁ ଜାନୁୟାରୀରୁ ଜୁଲାଇ ଭିତରେ ପରୀକ୍ଷା, କାଉନ୍‌ସେଲିଂ ଓ ନାମଲେଖା ପ୍ରକ୍ରିୟା ସରିଥାଏ। କିନ୍ତୁ ୨୦୨୧ରେ କୋଭିଡ୍ ପାଇଁ ପରୀକ୍ଷା ବିଳମ୍ବ ହେବା ସହ ଜାନୁୟାରୀ ବଦଳରେ ସେପ୍ଟେମ୍ବର ୧୧ରେ ପରୀକ୍ଷା ହୋଇ ଫଳ ମଧ ସେହିମାସ ୨୮ତାରିଖରେ ପ୍ରକାଶ ପାଇଥିଲା। ନାମଲେଖା ପାଇଁ କାଉନ୍‌ସେଲିଂ ପ୍ରକ୍ରିୟା ଦୁଇଟି ପର୍ଯ୍ୟାୟରେ ହେବାକୁ ଥିଲେ ବି କୋର୍ଟରେ ମାମଲା ରହିଥିବାରୁ ଏହା ଏ ପର୍ଯ୍ୟନ୍ତ ଆରମ୍ଭ ହୋଇପାରିନାହିଁ। ଫଳ ପ୍ରକାଶନର ୪ମାସ ପରେ ବି କାଉନ୍‌ସେଲିଂ ହୋଇ ନ ଥିବାରୁ ଛାତ୍ରୀଛାତ୍ରଙ୍କ ଗୋଟିଏ ବର୍ଷ ପଛେଇଯିବା ଭଳି ସ୍ଥିତି ଏବେ ସୃଷ୍ଟି ହେଲାଣି। ସରକାର କାଉନ୍‌ସେଲିଂ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବା ପାଇଁ ଏମ୍‌କେସିଜିର ଜେଡିଏ ପକ୍ଷରୁ ଧାରଣା ଦିଆଯାଇଥିଲା।

## ବଡ଼ ଡାକ୍ତରଖାନା ଆଗରେ ଭାଜପାର ବିକ୍ଷୋଭ

ବ୍ରହ୍ମପୁର ଅଫିସ,୨୭।୧୨: ବ୍ରହ୍ମପୁର ବଡ଼ ଡାକ୍ତରଖାନା ଆଗରେ ସୋମବାର ଗଞ୍ଜାମ ଜିଲା ଭାଜପା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ ସହ ପ୍ରତିବାଦ ସମାବେଶ କରାଯାଇଥିଲା। ଦକ୍ଷିଣ ଓଡ଼ିଶାର ଏହି ରେଫରାଲ ହସ୍ପିଟାଲରେ ଚିକିତ୍ସା ସେବା ବିପର୍ଯ୍ୟସ୍ତ ଅଭିଯୋଗ କରି ଏହି ଆନ୍ଦୋଳନ ହୋଇଥିଲା। ଏହି ଅବସରରେ ୧୨ ଦଫା ସମ୍ବଳିତ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ମେଡିକାଲ ଅଧୀକ୍ଷକଙ୍କୁ ଦିଆଯାଇଥିଲା। ସପ୍ତାହକ ମଧ୍ୟରେ ଦାବି ପୂରଣ ନ ହେଲେ ପୁଣି ଗଣଧାରଣା ସହ ଆନ୍ଦୋଳନକୁ ଜୋରଦାର କରାଯିବାର ଚେତାବନୀ ଦିଆଯାଇଛି। ଜିଲା ସଭାପତି ବିଭୂତି ଜେନା ଓ ପୂର୍ବତନ ସଭାପତି କାହ୍ନୁ ଚରଣ ପତି ନେତୃତ୍ୱ ନେଇଥିଲେ। ଉପସଭାପତି ରାମ କୁମାର ପାତ୍ର, ସାଧାରଣ ସମ୍ପାଦକ ପ୍ରଭାତ କିରଣ ଷଡ଼ଙ୍ଗୀଙ୍କ ସମେତ ଶତାଧିକ କର୍ମୀ ସାମିଲ ହୋଇଥିଲେ।

## ମୃତ ବାର୍‌ହା, ବାଇକ୍ ଜବତ, ଅଭିଯୁକ୍ତ ଫେରାର

ଚିକିଟି,୨୭।୧୨(ଡି.ଏନ୍.ଏ.) ଦିଗପହଣ୍ଡ ବନାଞ୍ଚଳ ଚିକିଟି ସେକ୍ସନ ଅଧୀନ ନାକମୁଦିଆ ଗ୍ରାମ ନିକଟରେ ସୋମବାର ଚିକିଟି ସେକ୍ସନ ବନ ବିଭାଗ ପକ୍ଷରୁ ବାଉଁଶ ସମେତ ମୃତ ବାର୍‌ହା ଓ ବାଇକ୍ ଜବତ କରାଯାଇଛି। ସୋମବାର ଚିକିଟି ସେକ୍ସନ ବନ ବିଭାଗ ପକ୍ଷରୁ ପାଟ୍ରୋଲିଂ ଚାଲିଥିବା ସମୟରେ ନାକମୁଦିଆ ଗ୍ରାମ ନିକଟରେ ଏକ ବାଇକ୍ (ନଂ. ଓଡି ୦୭ ଜେଡ୍ ୩୦୪୧) ଯୋଗେ ଜଣେ ଅଜଣା ବ୍ୟକ୍ତି ମୃତ ବାର୍‌ହାଟିକୁ ଧରି ଯାଉଥିବା ବେଳେ ପିଛା କରିବାରୁ ଅଭିଯୁକ୍ତ ବାଇକ୍ ସହିତ ମୃତ ବାର୍‌ହାକୁ ଛାଡି ଜଙ୍ଗଲ ଅଭିମୁଖେ ଦୌଡି ଚାଲି ଯାଇଥିଲେ। ନିକଟରେ ରଖାଯାଇଥିବା ୭୫ ଖଣ୍ଡ ବାଉଁଶକୁ ଜବତ କରାଯାଇଥିବା ଚିକିଟି ଫରେଷ୍ଟର ଡି. ପ୍ରଶାନ୍ତ ରାଓ କହିଛନ୍ତି। ଏ ନେଇ ନଂ. ୧୪/୨୧ରେ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଛି।

# ଫୁଡ୍ କୋର୍ଟ ଉଦ୍‌ଘାଟିତ




ଉପସ୍ଥିତ ଅତିଥି।

ଛତ୍ରପୁର,୨୭।୧୨(ଡି.ଏନ୍.ଏ.)

ଛତ୍ରପୁର ଏନଏସି ନୂଆ ବସଷ୍ଟାଣ୍ଡ ରାସ୍ତାରେ ସୋମବାର ଫୁଡ୍ କୋର୍ଟ ଷ୍ଟଲ ଉଦଘାଟିତ ହୋଇଛି । ବିଧାୟକ ସୁବାସ ଚନ୍ଦ୍ର ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ । ପ୍ରଥମ ପର୍ଯ୍ୟାୟରେ ମିଶନ ଶକ୍ତିର ୪ଟି ଷ୍ଟଲ ଉଦଘାଟିତ ହୋଇଛି । ମହିଳା ଶସକ୍ତୀକରଣ କ୍ଷେତ୍ରରେ ଏହି କାର୍ଯ୍ୟକ୍ରମ ଆଉ ପାଦେ ଆଗେଇଛି ବୋଲି ବିଧାୟକ କହିଥିଲେ । ଏଠାରେ ମୋଟ ୧୮ଟି ଷ୍ଟଲ ଖୋଲିବ ବୋଲି ସୂଚନା ମିଳିଛି। ଉଦଘାଟନ କାର୍ଯ୍ୟକ୍ରମରେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ, ଡିଆରଡିଏ ପିଡି ସିନ୍ଧେ ଦତ୍ତାତ୍ରୟ ଭାଉସାହେବ, ଏନଏସି ନିର୍ବାହୀ ଅଧିକାରୀ ଏନ୍.ଗଣେଶ ବାବୁ, ଟି. ଚନ୍ଦ୍ରଶେଖର ରାଓ, ଓକିଲ ଉମିନାଥ ସାହୁ, ମନୋଜ ପାଢୀ ପ୍ରମୁଖ ଉପସ୍ଥିତ ଥିଲେ।

# ଭର୍ଚୁଆଲରେ ଉଦ୍‌ଘାଟନ କରିବେ ମୁଖ୍ୟମନ୍ତ୍ରୀ

ବ୍ରହ୍ମପୁର ଅଫିସ,୨୭।୧୨

ଗଞ୍ଜାମ ଓକିଲ ସଂଘ ଆନୁକୂଲ୍ୟରେ ନିଖିଳ ଓଡ଼ିଶା ଆଇନଜୀବୀ ସଂଘର ସୁବର୍ଣ୍ଣ ଜୟନ୍ତୀ ତଥା ଆଇନଜୀବୀଙ୍କ ବାର୍ଷିକ ସମ୍ମିଳନୀ ବ୍ରହ୍ମପୁର ଇଞ୍ଜିନିୟରିଂ ସ୍କୁଲ ଖେଳପଡ଼ିଆରେ ୨ଦିନ ଧରି ଅନୁଷ୍ଠିତ ହେବ। ଏହାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲ୍‌ରେ ଉଦ୍‌ଘାଟନ କରିବେ। ଏନେଇ ଗଞ୍ଜାମ ଓକିଲ ସଂଘ ସଭାପତି ଜନାର୍ଦ୍ଦନ ସୁବୁଦ୍ଧି ସୂଚନା ଦେଇଛନ୍ତି। ଓକିଲ ସଂଘର ସମ୍ମିଳନୀ କକ୍ଷରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୁବର୍ଣ୍ଣ ଜୟନ୍ତୀ ତଥା ଆଇନଜୀବୀ ସମ୍ମିଳନୀ ପାଳନର ବିଭିନ୍ନ ଦିଗ ଉପରେ ସେ ସୂଚନା

### ୨୯ରୁ ଓକିଲ ସଂଘର ବାର୍ଷିକ ସମ୍ମିଳନୀ

ଦେଇଛନ୍ତି। ଚଳିତ ବର୍ଷ ନିଖିଳ ଓଡ଼ିଶା ଆଇନଜୀବୀ ସଂଘ ଅନୁରୋଧ କ୍ରମେ ଗଞ୍ଜାମ ଓକିଲ ସଂଘ ଆନୁକୂଲ୍ୟରେ କାର୍ଯ୍ୟକ୍ରମ ଆୟୋଜନ ହେବାକୁ ସ୍ଥିର କରାଯାଇଛି। ଏହାପୂର୍ବରୁ ଗଞ୍ଜାମ ଓକିଲ ସାଧାରଣ ପରିଷଦ ବୈଠକରେ ପ୍ରସ୍ତାବ ଆଗତ କରାଯାଇଥିଲା। ତାହା ସର୍ବସମ୍ମତି କ୍ରମେ ମଞ୍ଜୁର ହେବା ପରେ ଏହି ନିଷ୍ପତ୍ତି ନିଆଯାଇଛି। ଏଣୁ ଏଥିରେ ସମସ୍ତ ଆଇନଜୀବୀ ସାମିଲ ହୋଇ ସମ୍ମିଳନୀକୁ ସଫଳ କରିବାକୁ ଓକିଲ ସଂଘର ସମ୍ପାଦକ ପ୍ରଦୀପ କୁମାର ବେହେରା ଆହ୍ୱାନ ଦେଇଛନ୍ତି। ସମ୍ମିଳନୀର ପ୍ରଥମ ଦିନରେ ଅତିଥି ଭାବେ ଓଡ଼ିଶା ବିଧାନସଭା ବାଚସ୍ପତି ଡ. ସୂର୍ଯ୍ୟନାରାୟଣ ପାତ୍ର, ଜଷ୍ଟିସ୍ ଚିତ୍ତରଞ୍ଜନ ଦାଶ, ଜଷ୍ଟିସ୍ ଦୀପକ ମିଶ୍ର, ଆଇନ ମନ୍ତ୍ରୀ ପ୍ରତାପ ଜେନା, ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ, ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର ପ୍ରମୁଖ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ରାଜ୍ୟର ସମସ୍ତ ଓକିଲ ସଂଘକୁ ଗଞ୍ଜାମ ଓକିଲ ସଂଘ ତରଫରୁ ନିମନ୍ତ୍ରଣ କରାଯାଇଛି ବୋଲି ବେହେରା କହିଛନ୍ତି। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଉପ ସଭାପତି ବି.ଭାଗୀରଥି ରାଓ, ଯୁଗ୍ମ ସମ୍ପାଦକ ସୁଧୀର ପାତ୍ର, ଆଇନଜୀବୀ ବସନ୍ତ ପଣ୍ଡା ଓ ଶିବରାମ ପାତ୍ର ମଞ୍ଚାସୀନ ଥିଲେ।

## କନିଷ୍ଠ ବର୍ଗରେ ବି.ସାଇ କୁମାରଙ୍କୁ କାଂସ୍ୟ



କୋଚ୍ ଓ ଅନ୍ୟ କର୍ମକର୍ତ୍ତାଙ୍କ ସହ ସାଇ ।

ବ୍ରହ୍ମପୁର ଅଫିସ,୨୭।୧୨

୩୩ତମ ରାଜ୍ୟସ୍ତରୀୟ ଜୁନିୟର କରାଟେ ପ୍ରତିଯୋଗିତା ଡିସେମ୍ବର ୨୫ ଓ ୨୬ରେ ଭୁବନେଶ୍ୱର ଉତ୍କଳ କରାଟେ ସ୍କୁଲଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ରହ୍ମପୁର ଉତ୍କଳ କରାଟେ ମୁଖ୍ୟ ପ୍ରଶିକ୍ଷକ ସୁମନ୍ତ ପଣ୍ଡାଙ୍କ ତତ୍ତ୍ୱାବଧାନରେ କରାଟେ କନିଷ୍ଠ ବର୍ଗରେ ଅଂଶ ଗ୍ରହଣ କରିଥିବା ଦୁଇ ପ୍ରତିଯୋଗୀ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ପ୍ରତିଯୋଗୀ ବି.ସାଇ କୁମାର ପାତ୍ର (୧୨) ଫାଇଟ୍ ବର୍ଗରେ ପ୍ରତିଯୋଗିତା କରି କାଂସ୍ୟ ପଦକ ଅର୍ଜନ କରିଛନ୍ତି। ସାଇଙ୍କ ଏହି ସଫଳତାରେ କରାଟେ ସଂଘ ପକ୍ଷରୁ ସଭାପତି ବଳରାମ ଗୌଡ଼ଙ୍କ ସମେତ ଆଇନ ପରାମର୍ଶଦାତା ସୁରେନ୍ଦ୍ର ପଣ୍ଡା, ଉପସଭାପତି ମହେଶ୍ୱର ରାଉତ ଓ ଅନ୍ୟ କର୍ମକର୍ତ୍ତାମାନେ ସାଇଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସୂଚନାଯୋଗ୍ୟ, ଏହି ପ୍ରତିଯୋଗିତାରେ ଜିଲାରୁ ୮ ଜଣ ପ୍ରତିଯୋଗୀ ବିଭିନ୍ନ ବର୍ଗରେ ଅଂଶ ଗ୍ରହଣ କରିଥିଲେ।

## ବିଜେଡିରେ ମିଶିଲେ ସିମନବାଡ଼ି ସମିତିସଭ୍ୟା

ଦାରିଙ୍ଗବାଡ଼ି,୨୭।୧୨(ଡି.ଏନ୍.ଏ.) ଦାରିଙ୍ଗବାଡ଼ି ବ୍ଲକ ସିମନବାଡ଼ି ମା' ପାଟଖଣ୍ଡା ମନ୍ଦିର ପ୍ରାଙ୍ଗଣରେ ବିଜେଡିର ମିଶ୍ରଣ ପର୍ବ ବ୍ଲକ ଯୁବ ସଭାପତି ରଞ୍ଜନ କୁମାର ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜି.ଉଦୟଗିରି ବିଧାୟକ ସାଲୁଗା ପ୍ରଧାନ ଯୋଗଦେଇଥିଲେ। ଏହି ଅବସରରେ ଭାଜପା ଓ କଂଗ୍ରେସ ନେତା ଦଳ ଛାଡ଼ି ବିଜେଡିରେ ମିଶିଥିଲେ। ସିମନବାଡ଼ି ସମିତିସଭ୍ୟା ଚୁନି ମୁଖି ଭାଜପା ଛାଡ଼ି ବିଜେଡିରେ ସାମିଲ ହୋଇଛନ୍ତି। ସେହିପରି ଭାଜପାର ବରିଷ୍ଠ କର୍ମୀ ଅଶୋକ କୁମାର ଚୌଧୁରୀ, ଅନୁସୁଚିତଜାତି ଏବଂ ଜନଜାତି ବିଭାଗର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଶୁକଦେବ ପ୍ରଧାନଙ୍କ ସମେତ ବହୁ କଂଗ୍ରେସ ଏବଂ ଭାଜପା କର୍ମୀ ବିଧାୟକ ପ୍ରଧାନ ଏବଂ ମୁଖ୍ୟମନ୍ତ୍ରୀଙ୍କ ନୀତି ଆଦର୍ଶକୁ ପସନ୍ଦ କରି ବିଜେଡିରେ ମିଶିଥିଲେ । ସମସ୍ତ କର୍ମୀଙ୍କୁ ବିଧାୟକ ଦେଇ ସ୍ୱାଗତ କରିଥିଲେ। କାର୍ଯ୍ୟକ୍ରମରେ ବ୍ଲକ ବିଜେଡି ସଭାପତି ଜ୍ୟୋତିରାଜ ପ୍ରଧାନ, ଜିଲା ଛାତ୍ର ବିଜେଡି ସମ୍ପାଦକ ଦୀପକ କୁମାର ସାହୁ, ଛାତ୍ର ବିଜୁ ଜନତା ଦଳର ବ୍ଲକ ସଭାପତି ରୁପକ କୁମାର ସାହୁ, ଦିଲୀପ ପ୍ରଧାନ, କେ.ମନବୋଧ ନାୟକ, ପରମେ ପ୍ରଧାନ ମଞ୍ଚାସୀନ ଥିଲେ । ସାଧୁ ନାୟକ, ଚିତ୍ତରଞ୍ଜନ ପ୍ରଧାନ, ଲିଟୁ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ଉନ୍ନୟନ କମିଶନରଙ୍କ ବିଦ୍ୟାଳୟ ଭିତ୍ତିଭୂମି ପରିଦର୍ଶନ



ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି ରାଜ୍ୟ ଉନ୍ନୟନ କମିଶନର ଓ ପ୍ରିନ୍ସିପାଲ ସେକ୍ରେଟାରୀ।

ଗୋପାଳପୁର,୨୭।୧୨(ଡି.ଏନ୍.ଏ.) ସୋମବାର ରାଜ୍ୟ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା, ଏସ୍‌ଟି, ଏସ୍‌ସି ପ୍ରିନ୍ସିପାଲ ସେକ୍ରେଟାରୀ ରଞ୍ଜନା ଚୋପ୍ରା ରଙ୍ଗେଇଲୁଣ୍ଡା ବ୍ଲକ ଅନ୍ତର୍ଗତ କନିଷି ହାଟ ବାଲାଜୀ ବିଦ୍ୟାପୀଠ ଓ ପାଲୁରହିଲସ୍ଥିତ ବିଜୁ ପଟ୍ଟନାୟକ ଆଦର୍ଶ ବିଦ୍ୟାଳୟର ଭିତ୍ତିଭୂମି ପରିଦର୍ଶନ କରିଛନ୍ତି। ମଧ୍ୟାହ୍ନରେ ଉଭୟେ କନିଷି ବାଲାଜୀ ବିଦ୍ୟାପୀଠକୁ ଯାଇ ବର୍ତ୍ତମାନ ୫-ଟି ଅନ୍ତର୍ଭୁକ୍ତ ସ୍ମାର୍ଟ କ୍ଲାସ ନେଇ ଛାତ୍ରୀଛାତ୍ରମାନଙ୍କ ସହ ଆଲୋଚନା କରିଥିଲେ। ଏହି ଅବସରରେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ, ପିଡି ଡିଆରଡିଏ ସିନ୍ଧେ ଦତ୍ତାତ୍ରେୟ ଭାଉସାହେବ, ବ୍ରହ୍ମପୁର ଉପଜିଲାପାଳ ଭି.କର୍ତ୍ତି ୱାସନ ଉପସ୍ଥିତ ଥିଲେ। ବିଦ୍ୟାଳୟ ସ୍ମାର୍ଟ କ୍ଲାସ ହେବା ପରେ କିଭଳି ଛାତ୍ରୀଛାତ୍ରଙ୍କୁ ଗୁଣାତ୍ମକ ଶିକ୍ଷାଦାନ କରାଯାଉଛି, ସେ ସମ୍ପର୍କରେ ରଙ୍ଗେଇଲୁଣ୍ଡା ବିଇଓ ଡ. ପ୍ରଭାତୀ କୁମାରୀ ମହାପାତ୍ରଙ୍କ ସହ ଆଲୋଚନା କରିଥିଲେ। ସେଠାରୁ ବାହାରି ଅଧିକାରୀ ଜେନା ଓ ଚୋପ୍ରା ପାଲୁରହିଲସ୍ଥିତ ବିଜୁ ପଟ୍ଟନାୟକ ଆଦର୍ଶ ବିଦ୍ୟାଳୟ ଗସ୍ତ କରିଥିଲେ। ଉକ୍ତ ବିଦ୍ୟାଳୟର ଭିତ୍ତିଭୂମିର ବିକାଶ ଉପରେ ଆଲୋଚନା ହୋଇଥିଲା। ଏହି ଅବସରରେ ରଙ୍ଗେଇଲୁଣ୍ଡା ବିଡିଓ ପ୍ରସନ୍ନ କୁମାର ପାତ୍ର, ଆରଡି ବିଭାଗର ଇଂ. ପ୍ରଦୀପ କୁମାର ଜେନା, ପିଡବ୍ଲ୍ୟୁଡିର ସହକାରୀ ନିର୍ବାହୀ ଯନ୍ତ୍ରୀ ଅମରେଶ ଦାଶ, କନିଷ୍ଠ ଯନ୍ତ୍ରୀ ପଦ୍ମଲୋଚନ ପଣ୍ଡା, ୫୫ନଂ. ଜିଲା ପରିଷଦ ସଭ୍ୟ ଶଶିଭୂଷଣ ମହାନ୍ତି, କନିଷ୍ଠ ଯନ୍ତ୍ରୀ ସମୀର କୁମାର ପଟ୍ଟନାୟକ, ବିଦ୍ୟାଳୟର ପ୍ରିନ୍ସିପାଲ ଦୟାନିଧି ଦାସ ଓ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

## ସୁନାପୁର ବେଳାଭୂମିରେ ମୃତ ଅଲିଭ ରିଡ଼୍‌ଲେ

ଚିକିଟି,୨୭।୧୨(ଡି.ଏନ.ଏ.) ଚିକିଟି ବ୍ଲକ ଅନ୍ତର୍ଗତ ସୁନାପୁର ବେଳାଭୂମିରେ ସୋମବାର ଏକ ବିରାଟ ମୃତ ଅଲିଭ ରିଡଲେ କଇଁଛ ପଡିଥିବା ଦେଖିବାକୁ ମିଳିଛି। ଅଲିଭ ରିଡ଼ଲେ ସୁରକ୍ଷା ଦୃଷ୍ଟିକୁ ଆଖି ଆଗରେ ରଖି ବେଳାଭୂମି ଠାରୁ ୫କିମି ଯାଏ ମୋଟର ଚଳିତ ଡଙ୍ଗା ଉପରେ ନିଷେଧ ରହିଥିଲା। ବନ ବିଭାଗକୁ କଡା ନିର୍ଦ୍ଦେଶ ସରକାର ଦେଇଥିବା ବେଳେ ଦିନକୁ ଶହ ଶହ ଡଙ୍ଗା ପ୍ରଚଳନ ହେବା ଫଳରେ ଅଲିଭ ରିଡଲେ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ବନ ବିଭାଗର ବେଖାତିର ଯୋଗୁ ଅଲିଭ ରିଡ଼ଲେ ଅସୁରକ୍ଷିତ ବୋଲି ଅଭିଯୋଗ ହୋଇଛି।

## କୋଭିଡ୍ ପ୍ରଭାବ ଶୀର୍ଷକ ପାଠଚକ୍ର

ବୁଗୁଡ଼ା,୨୭।୧୨(ଡି.ଏନ.ଏ.) ବୁଗୁଡା ପିପୁଲ୍ସ କଲେଜ ଅର୍ଥନୀତି ବିଭାଗ ପକ୍ଷରୁ ଭାରତୀୟ ସେବା କ୍ଷେତ୍ରରେ କୋଭିଡ୍‌ର ପ୍ରଭାବ ଶୀର୍ଷକ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ କଲେଜ ଅଧକ୍ଷ ରଜନୀ କାନ୍ତ ଦାଶ ସଭାପତିତ୍ୱ କରିଥିବା ବେଳେ ବିଭାଗୀୟ ମୁଖ୍ୟ ଅଜୟ କୁମାର ସାହୁ, ଅକ୍ଷୟ କୁମାର ସାହୁ, ଦିଲ୍ଲୀପ କୁମାର ସେଠୀ, ଆତ୍ମ ପ୍ରକାଶ ନାୟକ ପ୍ରମୁଖ ଅଧାପକ ଯୋଗ ଦେଇ ଭାରତୀୟ ସେବା କ୍ଷେତ୍ରରେ କୋଭିଡ୍‌ର ପ୍ରଭାବ ସମ୍ପର୍କରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ଅନିଲ କୁମାର ସେଠୀ, ପୂଜା ମହାରଣା, ଅମ୍ବିକା ପାଣିଗ୍ରାହୀ ପ୍ରମୁଖ ପାଠଚକ୍ର ଶୀର୍ଷକ ସନ୍ଦର୍ଭ ବିବରଣୀ ପ୍ରଦାନ କରିଥିଲେ। ଶେଷରେ ଅଧାପିକା ସନ୍ତୋଷୀ ରାଜୁ ଧନ୍ୟବାଦ ଅର୍ପଣ କରିଥିଲେ।

# କମ୍ ଦରରେ ଧାନ ବିକିଲେଣି ଚାଷୀ

ଭଞ୍ଜନଗର,୨୭।୧୨(ଡି.ଏନ.ଏ)

ଭଞ୍ଜନଗର ଉପଖଣ୍ଡର ଚାଷୀମାନେ ପ୍ରାୟ ଏକ ମାସରୁ ଊର୍ଦ୍ଧ୍ୱ ହେବ ଧାନ ଅମଳ କଲେଣି। ତେବେ ମଣ୍ଡି ଖୋଲା ହୋଇ ନ ଥିବାରୁ ଚାଷୀମାନେ ସ୍ଥାନୀୟ ବ୍ୟବସାୟୀଙ୍କୁ କମ୍ ଦରରେ ଧାନ ବିକିବା ଆରମ୍ଭ କରିଦେଲେଣି। ସମ୍ପୃକ୍ତ ବ୍ୟବସାୟୀମାନେ ଉକ୍ତଧାନକୁଆନ୍ଧ୍ରବ୍ୟବସାୟୀଙ୍କୁବିକ୍ରିକରୁଥିବା ଅନୁମାନ କରାଯାଉଛି । ଚଳିତବର୍ଷ ସରକାର ସାଧାରଣ ଧାନ କୁଇଣ୍ଟାଲ ପିଛା ୧,୯୪୦ ଟଙ୍କାରେ କିଣିବାକୁ ନିଷ୍ପତ୍ତି ନେଇଥିଲେ ମଧ୍ୟ ମଣ୍ଡି ଖୋଲି ନ ଥିବା ଚାଷୀ ବାଧ ହୋଇ ବ୍ୟବସାୟୀଙ୍କୁ କୁଇଣ୍ଟାଲ ପିଛା ୧,୨୮୦ ଟଙ୍କାରେ ବିକ୍ରିକରୁଛନ୍ତି ।

ଗଞ୍ଜାମ ଜିଲାରେ ଆସନ୍ତା ବୁଧବାରରୁ ମଣ୍ଡି ଖୋଲିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଚାଲିଛି । କିନ୍ତୁ ବର୍ତ୍ତମାନ ସୁଦ୍ଧା କେଉଁ ମିଲର କେଉଁ ସୋସାଇଟିରୁ ଧାନ କିଣିବେ ତାହା ଚିହ୍ନଟ ହୋଇନାହିଁ। ମଣ୍ଡି ଖୋଲିବାରେ ଯେତେ ବିଳମ୍ବ ହେବ ଚାଷୀ ସେତେ ଅଧିକ ଅଭାବୀ ଧାନ ବିକ୍ରିର ଶିକାର ହେବେ । ଗତ କିଛିବର୍ଷ ହେଲା ଜିଲାରେ ପ୍ରାକୃତିକ ଦୁର୍ବିପାକ ଯୋଗୁ ଧାନ ଫସଲ ବ୍ୟାପକ ଭାବେ କ୍ଷତିଗ୍ରସ୍ତ ହେଉଛି। ଚଳିତଥର ଧାନ ଅମଳ ପୂର୍ବରୁ ୨ଟି ଲଘୁଚାପଜନିତ ପ୍ରବଳ ବର୍ଷାରେ ଧାନ ଫସଲ ବ୍ୟାପକ ଭାବେ କ୍ଷତି ହୋଇଛି । ତେଣୁ କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ଚିହ୍ନଟ କରି କ୍ଷତିପୂରଣ ସହ ବୀମା ସୁବିଧା ଦେବାକୁ ଦାବି ହୋଇଛି। ଆସନ୍ତା ୨୯ରେ



ଜଣେ ବ୍ୟବସାୟୀ ଧାନ କିଣି ନେଉଛନ୍ତି ।

ମଣ୍ଡି ଖୋଲିଲେ ମଧ ମିଲର ଚିହ୍ନଟ ହୋଇ ନ

### ୨୯ରେ ଖୋଲିବ ମଣ୍ଡି

ଥିବାରୁ ଧାନକିଣା ପ୍ରକ୍ରିୟା ସ୍ୱାଭାବିକ ଚାଲିବ ନାହିଁ। ମଣ୍ଡିରେ ଧାନ ବିକ୍ରି ପାଇଁ ଭଞ୍ଜନଗର ଉପଖଣ୍ଡରେ ୪୭ ହଜାରରୁ ଊର୍ଦ୍ଧ୍ୱ ଚାଷୀ ଅନ୍‌ଲାଇନରେ ନାମ ପଞ୍ଜୀକରଣ କରିଛନ୍ତି । ୧୨୫ ସୋସାଇଟି ଏବଂ ୫୧ ସ୍ୱୟଂ ସହାୟିକା ଗୋଷ୍ଠୀ ମାଧ୍ୟମରେ ଧାନ କିଣାଯିବ । ସୋସାଇଟି ଗୁଡ଼ିକରେ ମଣ୍ଡି ଖୋଲାଯାଉଛି । କିନ୍ତୁ ସେଠାରେ ଆବଶ୍ୟକ ଭିତ୍ତିଭୂମି ନ ଥିବା ଯୋଗୁ ଚାଷୀମାନେ ଜମିରୁ ସିଧା ମିଲ୍‌କୁ ଗାଡ଼ି ଯୋଗେ ଧାନ ନେଇ ବିକ୍ରି କରୁଛନ୍ତି। ଯଦ୍ୱାରା ଆର୍ଥିକ କ୍ଷତି ସହିବାକୁ ପଡୁଛି। ସରକାର ବିଳମ୍ବରେ ମଣ୍ଡି ଖୋଲୁଛନ୍ତି । ଧାନ ଅମଳ ପରେ ଘରେ ରଖିବା ସୁରକ୍ଷିତ ନୁହେଁ । ଅନ୍ୟପଟେ ଅର୍ଥ ଆବଶ୍ୟକ ପଡୁଥିବାରୁ କମ୍ ଦରରେ ଧାନ ବିକ୍ରି କରିଦେଉଛୁ ବୋଲି ପୂର୍ବତନ ସରପଞ୍ଚ କହ୍ନେଇ ଗୌଡ଼ କହିଛନ୍ତି। ଉପଖଣ୍ଡ ଯୋଗାଣ ବିଭାଗ ଅଧିକାରୀ ଲିଙ୍ଗରାଜ ବେହେରା କହିଛନ୍ତି, ଆସନ୍ତା ୨୯ରେ ମଣ୍ଡି ଖୋଲାଯିବ। ସୋସାଇଟି ଏବଂ ସ୍ୱୟଂ ସହାୟିକା ଗୋଷ୍ଠୀ ମାଧ୍ୟମରେ ଧାନ କିଣାଯିବ। ଚାଷୀଙ୍କୁ ଠିକ୍ ମୂଲ୍ୟ କିଭଳି ମିଳିବ ସେଥିପାଇଁ ପଦକ୍ଷେପ ନିଆଯାଉଥିବା ସୂଚନା ଦେଇଛନ୍ତି। ଲାଳସିଂ ସୋସାଇଟି ସମ୍ପାଦକ ସପନି ରାଉତ ସରକାରଙ୍କ ନୀତି ନିୟମ ଅନୁସାରେ ଚାଷୀଙ୍କୁ ସୁବିଧା ଯୋଗାଇ ଦିଆଯିବ ବୋଲି କହିଛନ୍ତି।

## ମଣ୍ଡି ଖୋଲିବାକୁ ଦାବି

କାଶୀନଗର,୨୭।୧୨ ସମ୍ପ୍ରତି କାଶୀନଗର ଅଞ୍ଚଳରେ ଧାନକଟା ସରିଗଲାଣି। ଧାନ ଅମଳ ମଧ ହୋଇଗଲାଣି। ବାତ୍ୟା ଭୟରେ ବହୁ ଚାଷୀ ଆଗୁଆ ଧାନ ମଧ କାଟି ସାରିଥିଲେ ମଧ ଅମଳ କରି ସାଇତି ରଖିବାକୁ ଜାଗା ନାହିଁ। ଚାଷୀ ବିକ୍ରି କଲେ ଋଣ ଶୁଝିବେ। ସରକାରଙ୍କ ସମିତି ଦ୍ୱାରା ଧାନ କିଣି ମଣ୍ଡିରେ ରଖିବା ନିଷ୍ପତ୍ତିକୁ ଏଠାରେ ବେଖାତିର କରି ମଣ୍ଡି ଏପର୍ଯ୍ୟନ୍ତ ଖୋଲା ଯାଇନାହିଁ। ଆନ୍ଧ୍ର ବେପାରୀମାନେ କମ୍ ଦାମ୍‌ରେ କିଣିବାକୁ ଅଞ୍ଚଳରେ ଡେରା ପକାଇଥିବା ଜଣାପଡ଼ିଛି। ଆଗକୁ ଏହି ଅଞ୍ଚଳବାସୀଙ୍କ ବଡ଼ ପର୍ବ ମକର ସଂକ୍ରାନ୍ତି। ଧାନ ବିକ୍ରି କଲେ ପର୍ବ ନିମନ୍ତେ ପରିବାରଙ୍କ ପାଇଁ ଖର୍ଚ୍ଚ କରିପାରିବେ। ତେବେ ଜିଲାପାଳ ଏ ଦିଗରେ ଦୃଷ୍ଟି ଦେଇ ମଣ୍ଡି ଖୋଲିବାକୁ କୃଷକ ସମାଜ ଦାବି କରିଛି।